# ୧୯୬୯ ମସିହାର ନବକଳେବର

● ନୀଳମଣି ସେନାପତି



'ନବକଳେବର' ସମ୍ପର୍କରେ ଅନେକଙ୍କ ମନରେ ବହୁ ଭୁଲଧାରଣା ଜାତ ହୋଇଛି । ତେଣୁ ୧୯୬୯ ମସିହାରେ ଅନୁଷ୍ଠିତ ନବକଳେବର ଉତ୍ସବ ସମୟରେ କିଭଳି କ'ଣ କରାଯିବ ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା ପାଇଁ ମୁଁ ବିଚାରୁଛି ।

କେଉଁ ବର୍ଷ ଶ୍ରୀଜଗନ୍ନାଥଙ୍କ ଘଟ ପରିବର୍ତ୍ତନ କରାଯିବ, ତାହା ଜ୍ୟୋତିଷମାନେ ସ୍ଥିର କରିଥାନ୍ତି । ଯେଉଁ ବର୍ଷ ଯୋଡା ଆଷାଢ ପଡିଥାଏ, ସେହିବର୍ଷ ଉକ୍ତ ଘଟ ପରିବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୁଏ । ସାଧାରଣତଃ ଚାନ୍ଦ୍ର ମାସ ୨୮ ଦିନରୁ ସାମାନ୍ୟ କମ୍ ଏବଂ ସୌର ମାସ ହେଉଛି ୩୦ ଦିନ । ଚାନ୍ଦ ମାସ ୨୮ ଦିନରୁ କମ୍ ହେବା ଫଳରେ ବର୍ଷରେ ପ୍ରାୟ ଏକମାସ ପାର୍ଥକ୍ୟ ଦେଖାଯାଏ । ଏହି ପାର୍ଥକ୍ୟକୁ ଦୂର କରିବା ଉଦ୍ଦେଶ୍ୟରେ ଜ୍ୟୋତିର୍ବିଦ୍‌ମାନେ ବର୍ଷ ମଧ୍ୟରେ ଗୋଟିଏ ମାସ ପରିବର୍ତ୍ତେ ଯୋଡା ମାସ ଧାର୍ଯ୍ୟ କରିଥାନ୍ତି । ୧୯୬୯ ମସିହାରେ ଯୋଡା ଆଷାଢ ପଡିଥିଲା । ଜୁନ୍ ଅଧାଅଧିଠାରୁ ଜୁଲାଇ ଅଧା ପରିବର୍ତ୍ତେ ଅଗଷ୍ଟ ଅଧାଅଧି ପର୍ଯ୍ୟନ୍ତ ଏହି ଯୋଡା ଆଷାଢ ରୂପେ ବିବେଚିତ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ଅର୍ଥାତ୍ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା ।

ସାଧାରଣତଃ 'ନବକଳେବର' କହିଲେ, ନୂତନ ଶରୀର ବା ଘଟକୁ ବୁଝାଇଥାଏ । ନୂତନ କରି କଟା ହୋଇଥିବା ନିମ କାଠରେ ଏହି ଘଟ ନିର୍ମିତ ହୁଏ । ପୁନର୍ବାର ନବକଳେବର ଉତ୍ସବ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ଏହି ନବନିର୍ମିତ ଘଟ ଅକ୍ଷୁଣ୍ଣ ରହିଥାଏ । ଆଗାମୀ ନବକଳେବର ଉତ୍ସବ ୧୨ରୁ ୧୮ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇପାରେ ।

ଅନେକଙ୍କର ଧାରଣା ଯେ ୧୯୬୯ ମସିହାରେ ଯେଉଁ ନିମ ଗଛ କଟା ହେଲା ତାହା ଆଗାମୀ ନବକଳେବର ନିମନ୍ତେ ସଂରକ୍ଷିତ ହେବ ଏବଂ ୧୯୫୦ ମସିହା ନବକଳେବର ସମୟରେ କଟା ହୋଇଥିବା ନିମ କାଠ ୧୯୬୯ ମସିହା ଉତ୍ସବରେ ବ୍ୟବହୃତ ହେବ । କିନ୍ତୁ ଏଭଳି ଧାରଣା ପୂରାପୂରି ଭୁଲ । ଚଳିତବର୍ଷ ଅର୍ଥାତ୍ ୧୯୬୯ ମସିହା ମଇ ମାସ ୧୬ ତାରିଖରେ ଯେଉଁ ନିମ ଗଛ କଟାହେଲା, ସେହି ଦାରୁରେ ଶ୍ରୀଜଗନ୍ନାଥଙ୍କ ଘଟ ନିର୍ମିତ ହେବ ଏବଂ ୧୯୬୯ ଜୁଲାଇ ୧୫ ତାରିଖରେ ଅନୁଷ୍ଠିତ ନେତ୍ରୋତ୍ସବ ଦିନ ଜନସାଧାରଣ ଜଗନ୍ନାଥଙ୍କ ଏହି ନବକଳେବର ଦର୍ଶନର ସୁଯୋଗ ଲାଭ କରିପାରିବେ ।

ଦାରୁ ଅଥବା ବୃକ୍ଷ ଅନ୍ୱେଷଣରେ ସେବାୟତମାନେ ବାହାରିବା ଦିନଠାରୁ ହିଁ ନବକଳେବର ଉତ୍ସବର ଆରମ୍ଭ । ୧୯୬୯ ମସିହା ମାର୍ଚ୍ଚ ମାସ ୨୮ ତାରିଖ, ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ଦିନ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ବନଯାତ୍ରା ବୋଲି କୁହାଯାଏ । ଏହି ଦଳରେ ୨୮ ଜଣ ଦଇତା, ଜଣେ ପତି ମହାପାତ୍ର, ୪ଜଣ ବ୍ରାହ୍ମଣ ପୁରୋହିତ, ୪ଜଣ ବିଶ୍ୱକର୍ମା (ବଢେଇ), ୫ଜଣ ମନ୍ଦିର ପୋଲିସ ସୁଦର୍ଶନ ଚକ୍ର (ବିଷ୍ଣୁଙ୍କର ସଂକେତ) ଧାରଣକରି ଜଣେ ଲେଙ୍କା, ଜଣେ କାହାଳିଆ ଓ ଜଣେ ଦେଉଳ କରଣ ସର୍ବମୋଟ ୪୫ଜଣ ଯାତ୍ରା କରିଥିଲେ । ଗଲାବେଳେ ସେମାନଙ୍କୁ ସଙ୍ଗରେ ପ୍ରତି ଦାରୁ ନିକଟରେ ପୂଜାପାଠ କରିବା ପାଇଁ ବହୁ ସାମଗ୍ରୀ ନେଇଯିବାକୁ ପଡିଥିଲା । ଏହି ସମସ୍ତ ସାମଗ୍ରୀ ନିମନ୍ତେ ଦୁଇଟି ଶଗଡ ଦରକାର ପଡିଥିଲା । ଏମାନେ ପ୍ରଥମ ରାତ୍ରି ପୁରୀଠାରେ ଯାପନ କରି କାକଟପୁର ଯାଇଥିଲେ ଏବଂ ସେଠାରେ ଦେଉଳିଆ ମଠରେ ରହିଥିଲେ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ଦାରୁ କେଉଁ ଦିଗରେ ଗଲେ ମିଳିବ ତାହା ପତି ମହାପାତ୍ରଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ ମିଳିଥିଲା ବୋଲି କୁହାଯାଉଅଛି । କାକଟପୁରର ପ୍ରସିଦ୍ଧ ଠାକୁରାଣୀ ମା' ମଙ୍ଗଳା ଏମାନଙ୍କୁ ଆଶୀର୍ବାଦ କରିଥିଲେ । ଏହାପରେ ଏହି ଦଳ ଦାରୁ ଅନ୍ୱେଷଣ ପାଇଁ ବିଭିନ୍ନ ଦିଗରେ ଯାତ୍ରା କରିଥିଲେ । ସ୍ୱପ୍ନ ହେଉ ବା ନହେଉ ଏକଥା ନିଶ୍ଚିତ ଯେ କେଉଁ ଅଞ୍ଚଳରେ ଦାରୁ ମିଳିବାର ସମ୍ଭାବନା ରହିଛି ସେ ସମ୍ପର୍କରେ ଖବର ପୂର୍ବରୁ ମିଳିଥିଲା । ବନଯାତ୍ରାର କିଛି ସମୟ ପୂର୍ବରୁ ଖୋର୍ଦ୍ଧା ନିକଟରେ ଚମ୍ପାଝରଠାରେ ଶ୍ରୀଜଗନ୍ନାଥଙ୍କର ଦାରୁ ରହିଥିବା ଖବର ଦଇତାମାନଙ୍କ ନିକଟକୁ ପଠାଯାଇଥିଲା ବୋଲି ମୋ ନିକଟରେ ନିର୍ଭରଯୋଗ୍ୟ ସୂତ୍ରରୁ ସମ୍ବାଦ ପହଞ୍ଚିଥିଲା । ଶ୍ରୀଜଗନ୍ନାଥଙ୍କ ଦାରୁ ଅନ୍ୱେଷଣରେ ଯେଉଁ ଦଳ ବାହାରିଥିଲେ, ସେମାନେ ପ୍ରଥମେ ସିଧାସଳଖ ଚମ୍ପାଝରକୁ ଯାତ୍ରା କରିଥିଲେ । ଚମ୍ପାଝରଠାରେ ରହିଥିବା ଦାରୁର ଯଦି ନିର୍ଦ୍ଧାରିତ ଲକ୍ଷଣ ନଥାନ୍ତା ତେବେ ସେମାନେ ଅନ୍ୟତ୍ର ନିଶ୍ଚୟ ଦାରୁ ଅନ୍ୱେଷଣରେ ବାହାରିଥାନ୍ତେ । ଦାରୁ ନିମନ୍ତେ ଗୋଟିଏ ଅତି ପୁରୁଣା ଆଉ ମୋଟା ନିମ ଗଛ ଦରକାର ଏବଂ ନିମ୍ନୋକ୍ତ ଦଶଟି ଲକ୍ଷଣ ଥିବା ଆବଶ୍ୟକ-

୧) ନିମ ଗଛ ନିକଟରେ ଗୋଟିଏ ବରୁଣ ଗଛ ରହିଥିବ । ଗୋଟିଏ ସାହାଡା ଗଛ ଥିବା ଉଚିତ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ।

୨) ଗଛଟି ନଦୀ ନିକଟରେ ଅବସ୍ଥିତ ଥିବ ।

୩) ନିକଟରେ ଗୋଟିଏ ଆଶ୍ରମ ରହିଥିବ ।

୪) ଅନତି ଦୂରରେ ଗୋଟିଏ ଶ୍ମଶାନ ଥିବ ।

୫) ଗଛଟିରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସଙ୍କେତ ଥିବ ।

୬) ଏକ ନିର୍ଦ୍ଦିଷ୍ଟ (ସମ୍ଭବତଃ ୧୨ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ଗଛରେ କୌଣସି ଡାଳ ନଥିବ ଏବଂ ସବୁ ଡାଳଗୁଡିକ ଗଛରେ ଲାଗିଥିବ ଭୂମିକୁ ସ୍ପର୍ଶ କରୁନଥିବ ।

୭) ଗଛମୂଳରେ ଗୋଟିଏ ଉଇହୁଙ୍କା ଥିବ ।

୮) ଗଛରେ ପକ୍ଷୀବସା କରିନଥିବ ।

୯) ଗଛମୂଳରେ ନାଗ ସାପ ଥିବ ।

୧୦) ଗଛରେ କୌଣସି ଲତା କିମ୍ବା ମଲାଙ୍ଗ ନଥିବ । ଚମ୍ପାଝରଠାରେ ମିଳିଥିବା ଗଛର ଉପର ଶାଖା ପାଖରେ ଥିବା ଗୋଟିଏ ତେନ୍ତୁଳି ଗଛର ଶାଖାସହ ଛନ୍ଦି ହୋଇଥିଲା । ଦାରୁକୁ ବୋହି ନେବା ନିମନ୍ତେ ତେନ୍ତୁଳି ଗଛଟିକୁ ମଧ୍ୟ କଟାଯାଇ ସେହି କାଠରେ ଗୋଟିଏ ଶଗଡ ତିଆରି କରାଯାଇଥିଲା ।

ଶ୍ରୀଜଗନ୍ନାଥଙ୍କ ଦାରୁ ନିମନ୍ତେ କୌଣସି ଗଛକୁ ବଛାଯିବା ପୂର୍ବରୁ ନିମ୍ନଲିଖିତ ସଙ୍କେତ ମଧ୍ୟରୁ ଅନ୍ୟୂନ ୫ଟି ସଙ୍କେତ ରହିଥିବା ଉଚିତ୍ । ଚମ୍ପାଝରଠାରେ ମିଳିଥିବା ଗଛର ନିମ୍ନଲିଖିତ ସଙ୍କେତ ବା ଲକ୍ଷଣ ରହିଥିଲା-

୧) ଉକ୍ତ ଗଛଟି ଶ୍ମଶାନ ନିକଟରେ ରହିଥିଲା ।

୨) ଏହି ଗଛରେ ଦୁଇଟି ପବିତ୍ର ଚିହ୍ନ- ଶଙ୍ଖ ଓ ଚକ୍ର ରହିଥିଲା । ଚିହ୍ନ ଦୁଇଟି ଅତ୍ୟନ୍ତ ସୁସ୍ପଷ୍ଟ ଥିଲା ।

୩) ଏହି ଗଛର ତିନିଗୋଟି ଶାଖା ଥିଲା ।

୪) ଏହି ବୃକ୍ଷମୂଳରେ ଗୋଟିଏ ଉଇହୁଙ୍କା ମଧ୍ୟ ରହିଥିଲା ।

୫) ଗଛରେ କୌଣସି ପକ୍ଷୀ ବସା ବାନ୍ଧି ନଥିଲେ ।

୬) ଉକ୍ତ ଗଛମୂଳରେ ଥିବା ଉଇହୁଙ୍କାରୁ ତିନିଗୋଟି ନାଗସାପ ବାହାରି ଥିବାର ଦେଖାଯାଇଛି ।

୭) ଏହି ବୃକ୍ଷଟି ଅତ୍ୟନ୍ତ ପୁରାତନ ଓ ବୃହଦାକାର ଥିଲା । ଏହାର ମୂଳର ଗୋଲେଇ ୧୧ଫୁଟ ଏବଂ ୧୨ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଏହି ଗଛରେ କୌଣସି ଶାଖାପ୍ରଶାଖା ବାହାରି ନଥିଲା ।

୮) ଏହି ଗଛରେ କୌଣସି ଲତା କିମ୍ବା ମଲାଙ୍ଗ ମାଡି ନଥିଲା ।

## ଦାରୁ ଅନ୍ୱେଷଣ

ପୁରୀ ଜିଲ୍ଲା ଚମ୍ପାଝର ଗ୍ରାମର ଗୋବର୍ଦ୍ଧନ ବ୍ରହ୍ମାଙ୍କ ନଂ ୯୨୮ ଜମିରେ ଶ୍ରୀଜଗନ୍ନାଥଙ୍କ ଦାରୁଟି ରହିଥିଲା । ଏହି ଜମିଟି ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଲାଖରାଜ ମାହାଲର ଅନ୍ତର୍ଭୁକ୍ତ ।

ପୁରୀ ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ଭାକର ସାହି ଗ୍ରାମ ନିକଟବର୍ତ୍ତୀ ଏକ ପଲ୍ଲୀଗାଁ ଗଡ ଚାରିପଡାର କେଶବ ଚନ୍ଦ୍ର ପାତ୍ରଙ୍କ ଜମିରୁ ଶ୍ରୀବଳଭଦ୍ରଙ୍କ ଦାରୁର ସନ୍ଧାନ ମିଳିଲା ।

କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କାହ୍ନୁପୁର ଗ୍ରାମର ନଂ ୨୫୪ ଗୋଚର ଜମିରୁ ସୁଭଦ୍ରାଙ୍କ ଦାରୁ ମିଳିଲା। ପୁରୀ ଜିଲ୍ଲା ବାଲିପାଟଣା ଥାନାର ବନମାଳୀପୁର ନିକଟବର୍ତ୍ତୀ ବଲରା ଗ୍ରାମରୁ ସୁଦର୍ଶନଙ୍କ ଦାରୁ ମିଳିଥିଲା ।

ଦାରୁର ସନ୍ଧାନ ମିଳିବା ପରେ ବୃକ୍ଷ ନିକଟରେ ହୋମ କରାଯାଏ । ଏକ ପବିତ୍ର ଦିବସରେ ଦାରୁଗୁଡିକ କଟାହେବା ପର୍ଯ୍ୟନ୍ତ ଏହି ହୋମ କାର୍ଯ୍ୟ ଚାଲିଥାଏ । ଚମ୍ପାଝରଠାରେ ଦୀର୍ଘ ତିନିଦିନ ପର୍ଯ୍ୟନ୍ତ ହୋମ କରାଯାଇ ୧୯୬୯ ମଇ ୧୬ ତାରିଖ ଅପରାହ୍ନରେ ଗଛ କଟା କାର୍ଯ୍ୟ ଆରମ୍ଭ ହୋଇଥିଲା । ଶ୍ରୀଜଗନ୍ନାଥଙ୍କ ପବିତ୍ର ଦାରୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ବହୁ ଲୋକ ରୁଣ୍ଡ ହେବାକୁ ଲାଗିଲେ । ଦର୍ଶକ ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପଡିଥିଲା ଓ ସାଧାରଣ ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡିଥିଲା । ଶଙ୍ଖ ପୁରାଣରେ ଉଲ୍ଲେଖ ଅଛି– ‘ସ୍ୱରୂପମ୍ ବା ଅରୁପମ୍ ବା ନପଶ୍ୟତେ ଛେଦନ ଅବଧି’, ଅର୍ଥାତ୍ ଦାରୁ କଟା ନହେବା ପୂର୍ବରୁ ଏହାକୁ ଦର୍ଶନ କରିବା ନିଷେଧ । କିନ୍ତୁ ଜନସାଧାରଣ ଏହି ବିଧି ସମ୍ପର୍କରେ ପୂରାପୁରି ଅଜ୍ଞ ଅଟନ୍ତି କିମ୍ବା ଦାରୁ ଦର୍ଶନ ନକରିବା ପାଇଁ କେହି ସେମାନଙ୍କୁ ବାରଣ କରିନାହାନ୍ତି । ଫଳରେ ବିରାଟ ଜନସମାଗମ ଯେ ଘଟିଲା କେବଳ ସେତିକି ନୁହେଁ, ସେବାୟତମାନଙ୍କ ବାରଣ ସତ୍ତ୍ୱେ ଲୋକମାନେ ଦାରୁର ବକଳ ଛଡାଇ ନେଇଗଲେ ।

୧୯୬୯ ମସିହା ମଇ ୧୬ ତାରିଖ ଅପରାହ୍ନ ୩ଘଣ୍ଟା ବେଳେ ଦାରୁ କାଟିବା କାର୍ଯ୍ୟ ଆରମ୍ଭ ହେଲା । ବିଶ୍ୱନାଥ ପତି ମହାପାତ୍ର (ବିଦ୍ୟାପତିଙ୍କ ବଂଶର) ପ୍ରଥମେ ସୁନାଟାଙ୍ଗିଆରେ ଦାରୁକୁ ସ୍ପର୍ଶ କରିଥିଲେ । ଏହାପରେ ଦଇତାପତି ରାଜକିଶୋର ଦାଶ ମହାପାତ୍ର ରୂପା ଟାଙ୍ଗିଆରେ ଦାରୁକୁ ସ୍ପର୍ଶ କଲେ । ତାହାପରେ ଚାରିଜଣ ବିଶ୍ୱକର୍ମା (ବଢେଇ) ଦାରୁ କାଟିବା ଆରମ୍ଭ କଲେ । କିନ୍ତୁ କିଛି ସମୟ ପରେ ସେମାନେ କ୍ଲାନ୍ତ ହୋଇ ପଡିବାରୁ ଗ୍ରାମବାସୀଙ୍କ ସାହାଯ୍ୟ ଚାହିଁଲେ । ଗ୍ରାମବାସୀମାନେ ପ୍ରଥମେ ଆଗଭର ହେଉନଥିଲେ । କିନ୍ତୁ ପରେ ଆଗ୍ରହ ସହକାରେ ଆଗେଇ ଆସି ଦାରୁ କାଟିବା କାର୍ଯ୍ୟରେ ସାହାଯ୍ୟ କରିଥିଲେ ।

୧୯୫୦ ମସିହାରେ ଅନୁଷ୍ଠିତ ନବକଳେବର ଉତ୍ସବ ବେଳେ ପୁରୀ ଜିଲ୍ଲା କାକଟପୁର ନିକଟବର୍ତ୍ତୀ ଜଲାଲପୁରଠାରେ ବଳଭଦ୍ରଙ୍କ ଦାରୁ ମିଳିଥିଲା । ଏହି ଦାରୁର ମାଲିକ ଥିଲେ ଜଣେ ମୁସଲମାନ । ସେ ଦାରୁଟି ହସ୍ତାନ୍ତର କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ତାଙ୍କର ସହଧର୍ମିଣୀ ସ୍ୱଇଚ୍ଛାରେ ଦାରୁକୁ ଯେ ଦାନ କରିଥିଲେ, କେବଳ ସେତିକି ନୁହେଁ, ଦାରୁ କାଟିବା ନିମନ୍ତେ ଲୋକମାନଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ । ଆଉ ମଧ୍ୟ ଦାରୁ କାଟିବା କାର୍ଯ୍ୟରେ ନିଯୁକ୍ତ ସମସ୍ତ ଲୋକଙ୍କୁ ଦାରୁକଟା ଶେଷ ହେବା ପର୍ଯ୍ୟନ୍ତ ଚର୍ଚ୍ଚାବର୍ଚ୍ଚା କରିଥିଲେ ।

ଚମ୍ପାଝରଠାରେ ଶ୍ରୀଜଗନ୍ନାଥଙ୍କ ଦାରୁ ନିକଟରେ ଗୋଟିଏ ତେନ୍ତୁଳି ଗଛ ମଧ୍ୟ ରହିଥିଲା । ଶ୍ରୀଜଗନ୍ନାଥଙ୍କ ଦାରୁକୁ ବୋହି ନେବା ନିମନ୍ତେ ଯେଉଁ ଶଗଡ ବ୍ୟବହୃତ ହୋଇଥିଲା, ତାହାର ଚକ ଉକ୍ତ ତେନ୍ତୁଳିଗଛ କାଠରେ ତିଆରି ହୋଇଥିଲା ।

ଏକ ନିଭୃତ ସ୍ଥାନରେ ଉକ୍ତ ଦାରୁରେ ଚାରି ଠାକୁରଙ୍କ ମୂର୍ତ୍ତି ତିଆରି ହୋଇଛି । ଜୁନ୍ ୧୩ ତାରିଖରେ ପୁରୁଣା ଠାକୁରମାନଙ୍କ ଶରୀର ମଧ୍ୟରେ ସଂରକ୍ଷିତ ବ୍ରହ୍ମକୁ ନୂତନ ଠାକୁରମାନଙ୍କ ଶରୀରରେ ସ୍ଥାପନ କରିସାରିବା ପରେ ପୁରୁଣା ମୂର୍ତ୍ତିଗୁଡିକୁ ମନ୍ଦିର ବେଢା ମଧ୍ୟରେ କୋଇଲିବୈକୁଣ୍ଠ ନାମକ ସ୍ଥାନରେ ସମାଧିସ୍ଥ କରାଗଲା । ଏହି ଉତ୍ସବ ପାଳନ ନିମନ୍ତେ ୧୯୬୯ ମାର୍ଚ୍ଚ ୨୮ ତାରିଖରେ ଚାରିଜଣ ଲୋକ ବଛା ହୋଇଥିଲେ । ଏମାନେ ସମସ୍ତେ ହେଉଛନ୍ତି ଦଇତା । ୮୦ ବର୍ଷ ବୟସ୍କ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଶରୀରରେ ବ୍ରହ୍ମ ପ୍ରତିଷ୍ଠା କାର୍ଯ୍ୟ ସମାପିତ ହୋଇଥିଲା । ଯେଉଁ ବ୍ୟକ୍ତି ଏହି ବହ୍ମ ସ୍ଥାପନ କରେ ସେ ଶୀଘ୍ର ପ୍ରାଣ ତ୍ୟାଗକରେ ବୋଲି ପରମ୍ପରା ରହି ଆସିଛି । ଏକ ଆବଦ୍ଧ ତଥା ନିଭୃତ କୋଠରୀରେ ପୁରୁଣା ଠାକୁରଙ୍କ ଶରୀରରୁ ବ୍ରହ୍ମକୁ ବାହାର କରି ନୂତନ ଠାକୁରଙ୍କ ଶରୀରରେ ପ୍ରତିଷ୍ଠା କରାଯାଏ । ଯେଉଁ ଦଇତା ଏହି କାର୍ଯ୍ୟ କରନ୍ତି ତାଙ୍କର ଆଖିକୁ କନାରେ ବାନ୍ଧି ଦିଆଯାଏ ଏବଂ ତାଙ୍କର ଉଭୟ ହାତରେ ମଧ୍ୟ କନା ଗୁଡା ହୋଇଥାଏ । ଏହା ଫଳରେ ସେ ଶ୍ରୀଜଗନ୍ନାଥଙ୍କ ଶରୀରରୁ କିଭଳି ବସ୍ତୁ (ବ୍ରହ୍ମ) ସ୍ଥାନାନ୍ତର

କଲେ ତାହା ଦେଖିପାରନ୍ତି ନାହିଁ କି ସ୍ପର୍ଶ ମଧ୍ୟ କରି ପାରନ୍ତି ନାହିଁ । ୨୮ଟି ଦଇତା ପରିବାର ନିଜ ନିଜ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହିତ ପରାମର୍ଶ କରି ଉପରୋକ୍ତ ୪ଜଣ ଦଇତାଙ୍କୁ ବାଛିଥାନ୍ତି ।

ଏହି ଚାରିଜଣ ଦଇତାଙ୍କ ଦ୍ୱାରା ବ୍ରହ୍ମ ସ୍ଥାପନା କାର୍ଯ୍ୟ ଚାଲିଥିବା ବେଳେ ଜଣେ ପତି-ମହାପାତ୍ର ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅର୍ଚ୍ଚନା କରନ୍ତି । ଏହି ପତି-ମହାପାତ୍ର ହେଉଛନ୍ତି ଜଣେ ବ୍ରାହ୍ମଣ । ସ୍ନାନ ଯାତ୍ରା (ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ୧୯୬୯ ମସିହା ମଇ ମାସ ୩୧ ତାରିଖରେ ଏହା ପାଳିତ ହୋଇଥିଲା) ପରଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ (ରଥଯାତ୍ରାର ପୂର୍ବଦିନ ଅର୍ଥାତ୍ ଜୁଲାଇ ୧୫ ତାରିଖ) ସମସ୍ତ ଉତ୍ସବ ଗୋପନରେ ପାଳିତ ହୁଏ । ଏହି ସମୟକୁ ଅଣସର କୁହାଯାଏ । ଏହାପରେ ଠାକୁରମାନଙ୍କୁ ପାଟ ଲୁଗାରେ ଆବୃତ କରାଯାଏ । ବହୁ ପରସ୍ତ ପାଟ ଲୁଗାରେ ଆବୃତ କରାଗଲା ପରେ ଜଣେ ଚିତ୍ରକର ଠାକୁରମାନଙ୍କୁ ଚିତ୍ର କରିଥାନ୍ତି । ଅନ୍ୟ କଥାରେ କହିବାକୁ ଗଲେ ଏହି ପାଟଲୁଗା ଉପରେ ଚିତ୍ରିତ ହୋଇଥିବା ଠାକୁରମାନଙ୍କ ଦର୍ଶନର ସୁଯୋଗ ଜନସାଧାରଣ ଲାଭ କରିଥାନ୍ତି ।

## ରଥଯାତ୍ରା

ପୂର୍ବବର୍ଷମାନଙ୍କ ପରି ଓଡ଼ିଶାର ପୂର୍ବତନ ଦେଶୀୟ ରାଜ୍ୟ ଦଶପଲ୍ଲାରୁ ରଥ ନିର୍ମାଣ କରିବା ପାଇଁ କାଠ ଆସିଲା । ଦଶପଲ୍ଲା ପରଂପରାକ୍ରମେ ପୁରୀ ରଥଯାତ୍ରା ପାଇଁ କାଠ ଦାନ କରି ଆସୁଛି । ୧୯୪୮ ମସିହାରେ ଦେଶୀୟ ରାଜ୍ୟଗୁଡ଼ିକ ଓଡ଼ିଶାରେ ମିଶିଗଲା ପରେ, ଓଡ଼ିଶା ସରକାର ଏହି ପାରମ୍ପରିକ ଅଙ୍ଗୀକାର ପ୍ରତି ସମ୍ମାନ ଦେଖାଇଥିଲେ ଏବଂ ବାର୍ଷିକ ଆବଶ୍ୟକ ହେଉଥିବା କାଠଗଡ ଯଥା ସମୟରେ ପ୍ରେରଣ କରିବା ପାଇଁ ଦଶପଲ୍ଲା ଡିଭିଜନର ବନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ବର୍ଷ ମହାନଦୀ, କାଠଯୋଡି ଓ ଭାର୍ଗବୀ ନଦୀରେ କାଠଗୁଡ଼ିକ ଭସାଇ ଅଣାଯାଇ ପୁରୀଠାରୁ ୩ମାଇଲ ଦୂରରେ ନଦୀ ଜଳରୁ ଉପରକୁ ଅଣାଯାଇଥିଲା । ମନ୍ଦିର ପରିଚାଳକଙ୍କ କହିବା ଅନୁଯାୟୀ କାଠଗୁଡ଼ିକର ଆକାର କ୍ରମେ କ୍ରମେ ଛୋଟ ହୋଇଆସୁଛି । ତେଣୁ ବଜାରରୁ କାଠ କିଣାଯାଇ ନିଅଣ୍ଟ ଭରଣା କରାଯାଉଅଛି । ସମୁଦାୟ କାଠଗୁଡ଼ିକ ଶାଳ କାଠ । କାଠରୁ ଆର୍ଦ୍ରତା ଚାଲିଗଲା ପରେ ତାହା ଫାଟି ଯିବାର ଆଶଙ୍କା ଥିଲେ ମଧ୍ୟ ତାହା ଖୁବ୍ ଦୃଢ ଓ ଟାଣ । କାଠର ଆକାର କମିଯିବା ଘଟଣାରୁ ଜଣାପଡୁଛି ଯେ ଦଶପଲ୍ଲାର ଶାଳ ଜଙ୍ଗଲର କ୍ଷୟ ଘଟୁଛି । ତେଣୁ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ନିମନ୍ତେ କାଠ ଯୋଗାଇବା ପାଇଁ ଯେଉଁ ପାରମ୍ପରିକ ଅଙ୍ଗୀକୃତ ରହି ଆସିଛି, ତାହା ପରିପୂରଣ ଲାଗି ଜଙ୍ଗଲ ସୁରକ୍ଷା ସକାଶେ ବିଶେଷ ଯତ୍ନ ଦରକାର । ରଥଗୁଡ଼ିକର ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟାଠାରୁ (୧୯୬୯ ମସିହା ଅପ୍ରେଲ ୧୯ ତାରିଖ) ଆରମ୍ଭ ହୋଇଅଛି । ବଢେଇମାନେ ବଂଶାନୁକ୍ରମେ ଜାଗିରୀ ଭୋଗ କରି ଆସୁଛନ୍ତି ସତ, କିନ୍ତୁ ଜାଗିରୀଗୁଡ଼ିକର ବଣ୍ଟୁଆରା ଓ ବିକ୍ରୟ ଫଳରେ ସେମାନେ ପୂର୍ବେ ଯେପରି ପୂରାପୂରି ବିନା ମଜୁରିରେ ସେବା କରି ଆସୁଥିଲେ, ବର୍ତ୍ତମାନ ସେପରି କରିପାରିବେ ନାହିଁ । ବର୍ତ୍ତମାନ ସେମାନଙ୍କୁ ରିହାତି ହାରରେ ମୁଣ୍ଡ ପିଛା ଦୈନିକ ଟ ୩.୨୫ ପଇସା ମଜୁରି ଦେବାକୁ ହେବ । ରଥଗୁଡ଼ିକର ଆକାର ଓ ଆୟତନ ଅଦ୍ୟାବଧି ଅପରିବର୍ତ୍ତିତ ଅଛି । ଆକାରରେ ଜଗନ୍ନାଥଙ୍କ ରଥ ୪୫ ଫୁଟ ଉଚ୍ଚ ଓ ଏକ ଚକରୁ ଅନ୍ୟ ଚକର ଲମ୍ବ ୪୫ଫୁଟ । ସମସ୍ତ ରଥଗୁଡ଼ିକର ଚକର ବ୍ୟାସ ୭ଫୁଟ ଏବଂ ଜଗନ୍ନାଥଙ୍କ ରଥ ପାଇଁ ୧୬ଟି, ବଳଭଦ୍ର ରଥ ପାଇଁ ୧୪ଟି ଓ ସୁଭଦ୍ରାଙ୍କ ରଥ ପାଇଁ ୧୨ଟି ଚକ ନିର୍ଦ୍ଧାରିତ ହୋଇଛି । ଚକଗୁଡ଼ିକ ସେହି ବର୍ଷ ପାଇଁ ଅପରିବର୍ତ୍ତିତ ରହିଥିଲା । ପୂର୍ବରୁ ରଥଗୁଡ଼ିକ ପଶମ ଦ୍ୱାରା ଆବୃତ ହେଉଥିଲା, ମାତ୍ର ପ୍ରଚୁର ପଶମ ଦ୍ରବ୍ୟର ଅଭାବ ଯୋଗୁଁ ମାରକିନ୍ କାର୍ପାସ ବସ୍ତ୍ର ବର୍ତ୍ତମାନ ବ୍ୟବହାର କରାଯାଉଅଛି । ମାରକିନ୍ ବସ୍ତ୍ରଗୁଡ଼ିକ ରଥରେ ବ୍ୟବହାର କରିବା ପୂର୍ବରୁ ସେଗୁଡ଼ିକୁ ରଙ୍ଗ କରାଯାଇ ଶୁଖାଇ ଦିଆଯାଏ । ଆବରଣଗୁଡ଼ିକର ରଙ୍ଗ ନିମ୍ନରେ ଦିଆଗଲା-

ଜଗନ୍ନାଥ... ଲାଲ ଓ ସୁନେଲି
ବଳଭଦ୍ର... ଲାଲ ଓ ଶାଗୁଆ
ସୁଭଦ୍ରା... ଲାଲ ଓ କଳା

ପ୍ରତ୍ୟେକ ରଥ ଟାଣିବା ପାଇଁ ବ୍ୟବହୃତ ହେଉଥିବା ଦଉଡିର ସଂଖ୍ୟା ୪ଅଟେ । ଯେତେବେଳେ ରଥଗୁଡ଼ିକ ରାସ୍ତା ମଝିରୁ ଖସିଯାଏ ଓ ସେଗୁଡ଼ିକୁ ରାସ୍ତା ମଝିକୁ ଟାଣି ଆଣିବା ଦରକାର ପଡେ, ସେତେବେଳେ ସାମୟିକଭାବେ ପଞ୍ଚମ ଦଉଡି ବ୍ୟବହୃତ ହୋଇଥାଏ । ରଥଗୁଡ଼ିକ ଦେଢ ମାଇଲରୁ ସାମାନ୍ୟ ଅଧିକ ବାଟ ଚାଲେ । ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଓ ଗୁଣ୍ଡିଚା ମନ୍ଦିରର (ଯେଉଁଠାକୁ କି ୮ଦିନ ପାଇଁ ଠାକୁରମାନଙ୍କୁ ନିଆଯାଏ) ପ୍ରକୃତ ଦୂରତ୍ୱ ୮,୩୨୭ ଫୁଟ ଅଟେ । ସ୍ନାନଯାତ୍ରା (ପୂର୍ଣ୍ଣିମା)ଠାରୁ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରୁ ଫେରିବା ପର୍ଯ୍ୟନ୍ତ, ସେହି ବର୍ଷ ମଇ ମାସ ୩୧ ତାରିଖଠାରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଦଇତାମାନଙ୍କର ତତ୍ତ୍ୱାବଧାନରେ ରହିଥିଲା । ଦଇତାମାନେ ଜଣେ ଶବର ରାଜକୁମାରୀଙ୍କ ବଂଶଧର ବୋଲି କଥିତ ଏବଂ ସେ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ଯୁବକଙ୍କୁ ବିବାହ କରିଥିଲେ ।

❖ ❖ ❖